## କଣାସ ବ୍ଲକ୍‌ରେ ଉତ୍କଟ ପାନୀୟ ଜଳ ସମସ୍ୟା

# ନଦୀ ଓ ପୋଖରୀର ଦୂଷିତ ଜଳ ପିଉଛନ୍ତି ଗ୍ରାମବାସୀ



**କଣାସ,୧୦।୨(ସମିସ):** କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷ ସାରା ପାନୀୟ ଜଳ ସମସ୍ୟା ଲାଗି ରହୁଛି। ଗ୍ରୀଷ୍ମ ପ୍ରବାହ ସମୟରେ ଏପରି ଉଗ୍ରରୂପ ଧାରଣ କରେ ଯେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼େ। ଅଞ୍ଚଳବାସୀ ଜଳର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଆନ୍ଦୋଳନ ଓ ରାସ୍ତାରୋକ କରିବାରୁ ତୁପୁରିଙ୍ଗି ନିକଟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରି ଠିକାଦାର ନିଯୁକ୍ତି କରି ୨୦୧୮ ରୁ କାମ ଆରମ୍ଭ କରି ୨୦୨୪ ସୁଦ୍ଧା ଶେଷ କରିବା ପାଇଁ ଠିକାଦାର ଚୁକ୍ତି କରାଯାଇଥିଲା। କିନ୍ତୁ ୨୦୨୪ ଶେଷ ହୋଇ ୨୦୨୬ ହୋଇଯାଇଥିଲେ ମଧ ମେଗା ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ହୋଇ ୨୦ଟି ହାତଗଣତି ଗ୍ରାମକୁ ପାନୀୟ ଜଳ ଯୋଗାଣ ଚିଲିଛି। ଏହି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ କଣାସ ବ୍ଲକ୍ ୨୮ ଟି ଗ୍ରାମ ପଞ୍ଚାୟତ, ସତ୍ୟବାଦୀ ବ୍ଲକ୍‌ର ୪ଟି ପଞ୍ଚାୟତ ଓ ବ୍ରହ୍ମଗିରି ବ୍ଲକ୍‌ର ୪ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ରହିଛି। କଣାସ ବ୍ଲକ୍‌ର ଅନେକ ଗ୍ରାମରେ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ରାସ୍ତା ଖୋଳାଯାଇ ପାଇପ୍ ପକାଯାଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପାନୀୟ ଜଳ ଅଭାବ ଯୋଗୁଁ ଗ୍ରାମବାସୀମାନେ ନଦୀ ଓ ପୋଖରୀର ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କାରିବାକୁ ବାଧ ହେଉଛନ୍ତି। ଦୂଷିତ ପାନୀୟ ଜଳ ବ୍ୟବହାର କରି ଝାଡ଼ାବାନ୍ତି, ଜଣ୍ଡିସ୍ ଓ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ କେତେକ ବ୍ୟକ୍ତି ପ୍ରାଣ ହରାଇଥିବା ନଜିର ରହିଛି। କିଛିଦିନ ତଳେ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀ କଣାସ ଅଞ୍ଚଳ ଗସ୍ତ କରି ମେଗା ପ୍ରକଳ୍ପ ପରିଦର୍ଶନ କରିଥିଲେ। ମେଗା ପ୍ରକଳ୍ପ ଅଧପନ୍ତରିଆ କାମ ହୋଇଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହିତ ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କୃମି ନାଶକ ଓ ତମାଖୁ ବର୍ଜନ ସଚେତନତା



**ଚାରିଛକ,୧୦।୨(ସମିସ):** ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଓ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା. ମନୋରଞ୍ଜନ ମହାପାତ୍ର, ଡା. ମିତାଲି ମଧୁସ୍ମିତା ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କୃମି ନାଶକ ଦିବସ ଓ ତମାଖୁ ନିୟନ୍ତ୍ରଣ ବିଷୟରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜେ ନେବା, ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସଫା କରିବା ସହିତ ଅନ୍ୟମାନଙ୍କୁ ସଚେତନ କରନ୍ତୁ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡା. ସାମନ୍ତରାୟ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଚେତନତା ଶିବିରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, କ୍ରିଷ୍ଣା ମହାପାତ୍ର, ପ୍ରଣତୀ ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଧବାରିମୂଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ଚାରିଛକ,୧୦।୨(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସୁଧବାରିମୂଳ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ୨୬ତମ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଦିନ ନୀତି ନିୟମ ଅନୁସାରେ ନାମ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ନିକଟ ତେଲେଙ୍ଗା ପୁଷ୍କରିଣୀରୁ ଜଳ କଳସ ଆଣି କୁଞ୍ଜରେ ସ୍ଥାପନ କରାଯାଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଅଷ୍ଟମପ୍ରହର ନାମଯଜ୍ଞରେ ବିଭିନ୍ନ ଗ୍ରାମରୁ ଦଶରୁ ଉର୍ଦ୍ଧ୍ୱ ସୁନାମଧନ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରଘୁନାଥ ବେହେରା ଓ ସ୍ୱର୍ଣ୍ଣଲତା ବେହେରା ଯୋଗଦେଇଥିବା ବେଳେ ଗନୀ ଦାସ ଓ ଘନଶ୍ୟାମ ଦାଶ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମନ୍ଦିରରୁ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଲୁଟ୍

**ସିସିଟିଭିରେ କଏଦ ହେଲା ଚୋରିର ଦୃଶ୍ୟ**

**ଗୋପ,୧୦।୨(ସମିସ):** ଗୋପ ଥାନା ଅଧୀନ ନାଗପୁର ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଠାକୁରାଣୀ ମା' ଅଡ଼ଙ୍ଗେଇଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବାବେଳେ ଚୋରିର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି। ମନ୍ଦିରରେ ଥିବା ଦୁଇଟି ହୁଣ୍ଡିକୁ ଦୁର୍ବୃତ୍ତମାନେ ଟେକି ନେଇ କୁଶଭଦ୍ରା ନଦୀପାଶ୍ୱର୍ରେ ହୁଣ୍ଡିକୁ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଇଛନ୍ତି। ଏଥିସହ ମା'ଙ୍କ ସୁନା ଓ ରୁପା ମୁକୁଟ ସମେତ ଅନ୍ୟାନ୍ୟ ଅଳଙ୍କାର ମଧ୍ୟ ଚୋରି କରି ନେଇଥିବାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ୪ ଜଣ ଦୁର୍ବୃତ୍ତ ଏହି ଚୋରିରେ ସମ୍ପୃକ୍ତ ଥିବା ଭିଡିଓରେ ଦୃଶ୍ୟମାନ ହେଉଛି। ମଙ୍ଗଳବାର ସକାଳୁ ପୂଜକ ମନ୍ଦିର ଖୋଲିବା ପୂର୍ବରୁ ମନ୍ଦିର ଖୋଲା ଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇବା ସହିତ ପୁଲିସକୁ ଅବଗତ କରିଥିଲେ। ଗୋପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୁଲିସ ପାଟ୍ରୋଲିଂ ଅଭାବ ସାଙ୍ଗକୁ ନାଗପୁର ବିଟ୍ ହାଉସ ଦୀର୍ଘଦିନ ଧରି ବନ୍ଦ ରହିବା ଯୋଗୁଁ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ନାଗପୁର ବିଟ୍ ହାଉସ୍‌କୁ କାର୍ଯ୍ୟକାରୀ କରି କର୍ମଚାରୀ ନିଯୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ବିଭିନ୍ନ ତଥ୍ୟ ପ୍ରମାଣକୁ ଆଧାରକରି ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଜଣକୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ କହିଛନ୍ତି।

## ତୃତୀୟ ବାର୍ଷିକ ବେଗୁନିଆ ଛକ ମହୋତ୍ସବ ଉଦ୍‌ଘାଟିତ

# 'ଭାଇଚରା ବଜାୟ ରଖେ ମହୋତ୍ସବ'




**ଗୋପ,୧୦।୨(ସମିସ):** ଭାଇଚାରାକୁ ବଜାୟ ରଖେ ମହୋତ୍ସବ। ପ୍ରାଚୀନ କଳା ସଂସ୍କୃତିକୁ ଏହି ଆଧୁନିକ ଯୁଗରେ ବଞ୍ଚାଇ ରଖିବା ଲାଗି ବେଗୁନିଆ ଛକ ମହାବୀର ଯାତ୍ରା କମିଟି ପକ୍ଷରୁ ଆୟୋଜିତ ବେଗୁନିଆ ଛକ ମହୋତ୍ସବର ତୃତୀୟ ବାର୍ଷିକୀ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧକ୍ଷ ବନ ରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ମହାବୀର ଯାତ୍ରା କମିଟି ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇ, ମା' ଭୂଆସୁଣୀ ଉଚ୍ଚ ବିଦ୍ୟାଳୟ ହନ୍ତସୁରାର ପ୍ରଧାନଶିକ୍ଷକ ବିଭୂଦତ୍ତ ନାୟକ, ଉପଦେଷ୍ଟା ଜୟୀରାମ ମହାପାତ୍ର ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ବଞ୍ଚିବା ଲାଗି ଉଦ୍ୟମ କରିଥିବା କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ କିପରି ଏହି ମହୋତ୍ସବ ସରସ ସୁନ୍ଦର ହୋଇପାରିବ ସେ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଭୂଆସୁଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ୍ତ୍ରମୁଗ୍ଧ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ମଦନ ମୋହନ ହାଜରା, ଅଜୟ ସାହୁ, କମଳାକାନ୍ତ ମହାନ୍ତି, ସଞ୍ଜୟ କୁମାର ବେହେରା, ଅକ୍ଷୟ ମୁଦୁଲି, ଅଶୋକ ସେନାପତି, ଜଗବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ୫ ଦିନବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ଦ୍ୱିତୀୟ ଦିନରେ ସତ୍ୟସାଇ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଜାତୀୟ କୃମି ନାଶକ ଦିବସ ଓ କୁଷ୍ଠ ସଚେତନତା



**ଡେଲାଙ୍ଗ,୧୦।୨(ସମିସ):** ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ କୃମି ନାଶକ ଦିବସ ପାଳନ ହୋଇଯାଇଛି। ଏହା ସହିତ ଜାନୁଆରୀ ୩୦ରୁ ଫେବୃଆରୀ ୧୩ ମଧ୍ୟରେ ଚାଲିଥିବା ସ୍ୱର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମର ଶପଥପାଠ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ. ଶାନ୍ତନୁ କୁମାର ଜେନା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ନେହାଞ୍ଜଳି ପଣ୍ଡା, ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ କୃମି ନିୟନ୍ତ୍ରଣର ଉପାୟ ସହିତ ୧ରୁ ୧୯ ବର୍ଷ ମଧ୍ୟରେ କୃମି ବଟିକା ସେବନ ନ କରିବା ଦ୍ୱାରା ଶରୀର ଉପରେ ପଡୁଥିବା କୁପ୍ରଭାବ, କୃମି ଦ୍ୱାରା କ୍ଷତି ଓ ଏଥିରୁ ବର୍ତ୍ତିବାର ଉପାୟ, ସ୍ୱାସ୍ଥ୍ୟ ରକ୍ଷା ଆଦି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। କୁଷ୍ଠ ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଆତଜିତ୍ ବେହେରା, ଶିବାନୀ ବେହେରା ଓ ସୁମନ ବେହେରାଙ୍କୁ ଅଧୀକ୍ଷକ ଶ୍ରୀ ଜେନା ପୁରସ୍କୃତ କରିଥିଲେ। ବଳରାମ ପଟ୍ଟନାୟକ, ଅଙ୍ଗନବାଡ଼ି କର୍ମୀ ସ୍ୱପ୍ନାରାଣୀ ସିଂ, ଆଶାକର୍ମୀ ସାବି ବେହେରା ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, କମିଟି ସଭ୍ୟସଭ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୃମି ନାଶକ ବଟିକା ଦିଆଯାଇଥିଲା।

# ବିଣ୍ଡିପୁର ପ୍ରିମିୟର ଲିଗ୍: ରାମଚଣ୍ଡୀ କ୍ଲବ୍ ଚାମ୍ପିଅନ



**କଣାସ,୧୦।୨(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ବଡାଲ ପଞ୍ଚାୟତ ବିଣ୍ଡିପୁର ଗ୍ରାମ ଖେଳ ପଡ଼ିଆରେ ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ଦ୍ୱିତୀୟ ବର୍ଷ ପ୍ରିମିୟର୍ ଲିଗ୍ ମ୍ୟାଚ୍ ଗତ ୨ ତାରିଖଠାରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେଇଥିଲେ। ଏଥିରେ ରାମଚଣ୍ଡୀ କ୍ଲବ୍ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରାମଚଣ୍ଡୀ କ୍ରିକେଟ କ୍ଲବ୍ ତେଲେଙ୍ଗାପଡ଼ା ସହିତ ମଙ୍ଗରାଜ ଇଲେଭେନ ଷ୍ଟାର୍ ବିଣ୍ଡିପୁର ମଧ୍ୟରେ ହୋଇଥିଲା। ମଙ୍ଗରାଜ ଇଲେଭେନ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ୱିକେଟ୍ ହରାଇ ୭୫ ରନ୍ କରିଥିଲା। ଜବାବରେ ରାମଚଣ୍ଡୀ କ୍ଲବ୍ ୧୧.୪ ଓଭରରେ ୬ ୱିକେଟ ହରାଇ ୭୬ ରନ୍ କରି ବିଜୟୀ ହୋଇଥିଲା। ଅତିଥି ଭାବେ ସମାଜସେବୀ ମୋହନ ପରିଡ଼ା, ଅଜୟ ପ୍ରଧାନ, ଆଶୁତୋଷ ପାଇକରାୟ, ପ୍ରଦୀପ ସାହୁ ଓ ଗୁଗା ବଡ଼ଜେନା ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହିତ ୫ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଦିବସ ସୁନ୍ଦରାୟ, ଲିଟୁ ଗୁମାନସିଂହ, ଜଗନ ମହାପାତ୍ର, ସଚିକାନ୍ତ ପାଇକରାୟ, ସୁଧାକର ମାର୍ଥା, ପ୍ରଦୀପ ବଳିୟାରସିଂହଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଡେଲାଙ୍ଗ,୧୦।୨(ସମିସ):** ଡେଲାଙ୍ଗ ଥାନା ଅଧୀନ ହରିପୁର ରେଳ ଷ୍ଟେସନ ନିକଟ ଜଙ୍ଗଲରୁ ମଙ୍ଗଳବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ଛିଟ ରଙ୍ଗର ଲୁଙ୍ଗି ଓ ନୀଳ ରଙ୍ଗର ସାର୍ଟ ପିନ୍ଧିଥିବା ଜଣାପଡ଼ିଛି। ମୃତକଙ୍କ ବୟସ ପ୍ରାୟ ୫୦ ବର୍ଷରୁ ଅଧିକ ହେବ ବୋଲି ପୁଲିସ ସୂଚନା ଦେଇଛି। ଜଙ୍ଗଲରେ ଜଣେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଡେଲାଙ୍ଗ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ପୁଲିସ ଶବ ଜବତ କରିବା ସହିତ ଡେଲାଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡ଼ିଛି। ଅନ୍ୟପଟେ ମୃତକଙ୍କ ପରିଚୟ ପାଇବାକୁ ଫଟୋ ସହିତ ଅନ୍ୟାନ୍ୟ ବିବରଣୀ ସମସ୍ତ ଥାନାକୁ ପ୍ରେରଣ କରାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଉଛନ୍ତି।

## ଚାରିଛକ ଥାନାରେ ନୂତନ ଅଧିକାରୀ

**ଚାରିଛକ,୧୦।୨(ସମିସ):** ଚାରିଛକ ଥାନାରେ ନୂତନ ଅଧିକାରୀ ଭାବେ ଆଇଆଇସି ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ଯୋଗଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅନ୍ୟତ୍ର ବଦଳି ହେବା ପରେ ଶ୍ରୀ ମହାନ୍ତିଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ଶ୍ରୀ ମହାନ୍ତି ଏହା ପୂର୍ବରୁ ପୁରୀ ଜିଲ୍ଲା ହେଡ୍‌କ୍ୱାର୍ଟରରେ କାର୍ଯ୍ୟ କରୁଥିଲେ। ଏଠାରେ ଯୋଗଦେବା ପରେ ଥାନା କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଚାରିଛକ ଥାନା ଅଞ୍ଚଳରେ ନିଶା କାରବାର, ଚୋରି, ରାହାଜାନୀ, ଆଇନଶୃଙ୍ଖଳା, ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଭାରତ ବନ୍ଦ ପାଇଁ କମ୍ୟୁନିଷ୍ଟ ପାର୍ଟିର ବୈଠକ

**ଚାରିଛକ,୧୦।୨(ସମିସ):** ଆସନ୍ତା ୧୨ ତାରିଖରେ ଭାରତ ବନ୍ଦ ପାଇଁ ସୋମବାର ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ କୃଷକ ନେତା ସନାତନ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନର ଅଭାବୀ ବିକ୍ରି, କୃଷି ଉପରେ ବାଟମାରଣ ଯୋଜନା ବିରୋଧ ସହିତ କୃଷକମାନଙ୍କ ହକ୍ ପାଇଁ ଏହି ଭାରତ ବନ୍ଦ ଡକରା ଦିଆଯାଇଛି ବୋଲି କୃଷକ ନେତା ଶ୍ରୀ ପାତ୍ର କହିଥିଲେ। ଏହି ବୈଠକରେ କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ସବରୀ ପରିଡ଼ା, ଲକ୍ଷ୍ମୀଧର ସ୍ୱାଇଁ, ମାଧବ ବେହେରା, ନୃସିଂହ ମହାନ୍ତି, ନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୯୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



**ଡେଲାଙ୍ଗ,୧୦।୨(ସମିସ):** ଡେଲାଙ୍ଗ ବ୍ଲକ୍‌ର ବିଶ୍ୱନାଥଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ବୌଦ୍ଧପୀଠ ଅରାଗଡ଼ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଅକ୍ଷୟ ବେହେରାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ସମାବେଶରେ ଛାତ୍ରବନ୍ଧୁ ରାଜୀବ ଲୋଚନ ହାତୀ, ରମଣି ରଞ୍ଜନ ଚମ୍ପତିରାୟ, ବିପିନ ବଳବନ୍ତରାୟ, ହେମନ୍ତ ରାଉତ, ସୀତାରାଣୀ ହରିଚନ୍ଦନ, ସୁକାନ୍ତି ବରିସଲ, ଦୀପାରାଣି ପଣ୍ଡା ପ୍ରମୁଖ ସାମିଲ୍ ହୋଇ ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ସହପାଠୀମାନେ ଏକତ୍ର ହୋଇ ପରିବେଶ ପ୍ରଦୂଷଣ, ଗ୍ଲୋବାଲ ୱାର୍ମିଂ, ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନସଚେତନତା ସୃଷ୍ଟି କରାଇବା ପାଇଁ ଶପଥ ନେଇଥିଲେ। ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁଜୀ ନାରାୟଣ ପଣ୍ଡା, ରମେଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ବଳିୟାରସିଂହଙ୍କୁ ପୂଜାର୍ଚ୍ଚନା କରାଯାଇ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବୌଦ୍ଧପୀଠରେ ବିଭିନ୍ନ ଚାରାରୋପଣ କରାଯାଇଥିଲା।

## ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ




**ଗମ୍ଭାରୀପଦା,୧୦।୨(ସମିସ):** କାକଟପୁର ବ୍ଲକ୍ ପରିସରରେ ଥିବା ସଭାଗୃହରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗରିବ ସୀମାରେଖା ତଳେ ଥିବା ୯୧ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଥିଲେ। କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ଶ୍ରୀଧର ନାୟକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱଳ୍ପ ଆୟକାରୀ ପରିବାରଙ୍କ ପାଇଁ ରାସନ୍ କାର୍ଡର ଆବଶ୍ୟକତା ଉପରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଦୀକ୍ଷିତ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଭାଷଣ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ କି ଇ-କେୱାଇସି ଦ୍ୱାରା ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାରେ ଆମ ସରକାର ସଫଳ ହୋଇପାରିଛି। କାକଟପୁର ବ୍ଲକ୍‌ରେ ଆବେଦନ କରିଥିବା ୧୮୪୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୩୦୪ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ବେଳେ ମଙ୍ଗଳବାର ୯୧ ଜଣଙ୍କୁ କାର୍ଡ ଯୋଗାଇ ଦିଆଯାଉଛି। ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀ ଆବେଦନ କରିବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ।

## ପିଏମ୍‌ଶ୍ରୀ ଅରଖକୁଦା ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ




**କୃଷ୍ଣପ୍ରସାଦ,୧୦।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସୁଲୋଚନା ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ପ୍ରଧାନ, ମୁଖ୍ୟବକ୍ତା ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଶ୍ରବଣ ପ୍ରଧାନ, ବ୍ରହ୍ମଗିରି ଯୋଗ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ହର ନାରାୟଣ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଶିବରାମ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ପ୍ରାରମ୍ଭିକ ସଙ୍ଗୀତ ବେଶ୍ ମନମୁଗ୍ଧକର ଥିଲା। ପ୍ରଥମ ଦିବସରେ ବିଦ୍ୟାଳୟ କ୍ରୀଡ଼ାଙ୍ଗନରେ ଦୌଡ଼, ଭଲିବଲ୍, କ୍ରିକେଟ, ଜାଭେଲିନ୍, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିଭାବକ, ଅତିଥି, ଛାତ୍ରଛାତ୍ରୀ, ଜନସାଧାରଣ ବେଶ୍ ଉପଭୋଗ କରିଥିଲେ। ସହକାରୀ ଶିକ୍ଷକ କାହ୍ନୁ ଚରଣ ବେହେରା, ଶିବରାମ ବେହେରା, ସୀମା ସଉରା, ରାକେଶ ଗୋଛାୟତ, ସୋନିଆ ନାୟକ, ପ୍ରସନ୍ନ ବିଶ୍ୱାଳ, ଧର୍ମପଦ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରୁଥିବାବେଳେ ବୁଧବାର ଉତ୍ସବର ଉଦ୍‌ଯାପନ ହେବ ବୋଲି ଜଣାଯାଇଛି।

## କୃଷ୍ଣପ୍ରସାଦ ଥାନାରେ ପୁରୀ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

# କାଳିଜାଈ ପୀଠରେ ସୁରକ୍ଷା କଡ଼ାକଡ଼ି ପାଇଁ ନିର୍ଦ୍ଦେଶ



**କୃଷ୍ଣପ୍ରସାଦ,୧୦।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ପରିସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂଙ୍କ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ଅରଖକୁଦା ସାମୁଦ୍ରିକ ଥାନା ଅଧିକାରୀ ନିରଞ୍ଜନ ବେହେରା, ଏସ୍‌ଆଇ ସୁଜିତ୍ କୁମାର ସାହୁଙ୍କ ସମେତ ବ୍ଲକ୍‌ର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ଅଞ୍ଚଳରେ ଘଟୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚୋରା ମଦକୁ କିପରି ନିୟନ୍ତ୍ରଣ କରାଯାଇପାରିବ, ସମୁଦ୍ର ମଧ୍ୟ ଦେଇ ଆସୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ କିପରି ରୋକାଯାଇପାରିବ ସେଥିପାଇଁ ବେଶୀ ଗୁରୁତ୍ୱ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିଭଳି ଅଞ୍ଚଳରେ ବିଭିନ୍ନ ଅପରାଧକୁ ରୋକାଯାଇପାରିବ ଏଥିପାଇଁ ସାମ୍ବାଦିକମାନେ ସହଯୋଗ କରିବା ପାଇଁ କହିଥିଲେ। ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ପୀଠ ବର୍ଷସାରା ଭକ୍ତମୟ ହେଉଥିବାବେଳେ କିଭଳି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ସେଥିପ୍ରତି ଦୃଷ୍ଟି ଦେଇଥିଲେ। ଖୁବ୍‌ଶୀଘ୍ର ପୀଠରେ ସିସି କ୍ୟାମେରା ବ୍ୟବସ୍ଥା କରାଯିବ ଏବଂ ଏହାର ଫୁଟେଜ୍ କିଭଳି ସିଧାସଳଖ ଥାନାରେ ପହଞ୍ଚିବ ତା'ର ବ୍ୟବସ୍ଥା କରିବା ପାଇଁ କହିଥିଲେ। କୃଷ୍ଣପ୍ରସାଦ ଥାନାରେ ସାମ୍ବାଦିକମାନଙ୍କୁ ନେଇ ଏସ୍‌ପି ପ୍ରତୀକ୍ ସିଂ ପ୍ରଥମ ସମ୍ମିଳନୀ କରିଥିବାରୁ ସାମ୍ବାଦିକମାନେ ଧନ୍ୟବାଦ ଦେବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏସ୍‌ପି ପ୍ରଥମ କରି ଥାନା ପରିଦର୍ଶନ କରି କର୍ମଚାରୀମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏଥିସହ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକଙ୍କ ପାଇଁ ଖୁବ୍‌ଶୀଘ୍ର ପରିଚୟ ପତ୍ର ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଖୁଣ୍ଟୁବନ୍ଧ ସ୍ୱପ୍ନେଶ୍ୱର କ୍ଲବ୍ ପାଲଟିଥିଲା ଗୋଦାମ

# ୩ ଶହ ବସ୍ତା ଗୁଟ୍‌ଖା ଜବତ

ନୟାଗଡ଼,୧୦।୨(ସମିସ)

ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗୁଟ୍‌ଖା ଚଢ଼ଉ ଅଭିଯାନରେ ସଦରଥାନା ପୁଲିସକୁ ଆଜି ପୁଣି ଏକ ବଡ଼ ସଫଳତା ମିଳିଛି । ଜେଲରେ ରହିଥିବା ଅଭିଯୁକ୍ତ କମଳ ସାହୁର ଏକ ଗୋଦାମ ଉପରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି । ଖୁଣ୍ଟୁବନ୍ଧ ମଙ୍ଗଳା ମନ୍ଦିର ପାଖରେ ରହିଥିବା ସ୍ୱପ୍ନେଶ୍ୱର କ୍ଲବ୍ ଘର ଭିତରେ ଏହି ଗୁଟ୍‌ଖା ମହଜୁଦ ରହିଥିବା ନେଇ ପୁଲିସ ଖବର ପାଇଥିଲା । ସଦରଥାନା ଅଧିକାରୀ ପ୍ରିୟତମା ବେହେରା ସଦଳବଳ ଚଢ଼ଉ କରିଥିଲେ । ଉକ୍ତ କ୍ଲବ୍ ଘରେ ଦୁଇଟି ତାଲା ପଡ଼ିଥିଲା । ଝରକା ଫାଙ୍କାରେ ଗୁଟ୍‌ଖା ରହିଥିବା ସ୍ପଷ୍ଟ ହେବା ପରେ ପୁଲିସ ମାଜିଷ୍ଟ୍ରେଟ୍‌ଙ୍କୁ ଡକାଇଥିଲା । ନୟାଗଡ଼ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା । ଉକ୍ତ ଘର ଭିତରୁ ଆନୁମାନିକ ୩ ଶହ ବସ୍ତା ଗୁଟ୍‌ଖା ଜବତ କରାଯାଇଛି । ଜବତ ଗୁଟ୍‌ଖା ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ଜବତ ଗୁଟ୍‌ଖାକୁ ସଦରଥାନାକୁ ଅଣାଯାଇଥିବା ବେଳେ ପୁଣି ଏକ ମାମଲା ରୁଜୁ କରାଯିବ ବୋଲି ପୁଲିସ ନିକଟରୁ ସୂଚନା ମିଳିଛି । ଗତକାଲି ସଦରଥାନା ପୁଲିସ ୩ ଟି ଗୁଟ୍‌ଖା ବୋଝେଇ ଗାଡ଼ିକୁ ପୁଲିସ ଜବତ କରିଥିଲା । ଗାଡ଼ି ଗୁଡ଼ିକ ମଧ୍ୟରେ ଦୁଇଟି ପିକ୍‌ଅପ୍ ଭ୍ୟାନ ଏବଂ ଗୋଟିଏ ଆଇଚର ଗାଡ଼ି ରହିଥିଲା । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସୂଚନାନୁସାରେ, ପ୍ରଥମେ ଇଟାମାଟି ଥାନା ପୁଲିସ ଗୋଟିଏ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ କମଳ ସାହୁର ଭାଇ ପ୍ରକାଶ ସାହୁ ଏବଂ ତା'ର ଦୁଇଜଣ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର, ବିପିନ ବିହାରୀ ସ୍ୱାଇଁଙ୍କୁ ଗିରଫ କରିଥିଲା । ଏହି ଗୁଟ୍‌ଖା କାରବାରରେ କମଳଙ୍କ ଲିଙ୍କ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ବାଲୁଗାଁ ଅଞ୍ଚଳରେ ପୁଲିସ ଚଢ଼ଉ କରି ଗୁଟ୍‌ଖା ଜବତ କରିବା ସହ ଗୋବିନ୍ଦ ସାହୁ ଓ ଭଗବାନ ସାହୁଙ୍କୁ ଗିରଫ କରିଥିଲା । ସେମାନେ କମଳ ଓ ପ୍ରକାଶ ସହ ମିଶି ବେପାର କରୁଥିବାରୁ ଉଭୟଙ୍କୁ ଉକ୍ତ ମାମଲାରେ ଅଭିଯୁକ୍ତ ଦର୍ଶାଯାଇଥିବା ସୂଚନା ମିଳିଛି । ସେହିଭଳି ଭାବେ ଟାଉନଥାନା ପୁଲିସ ଖଣ୍ଡପଡ଼ା ରାସ୍ତା ମିଶ୍ର ଲେନ୍ ସାମ୍ନାରେ ରହିଥିବା ସନ୍ତୋଷ ସାହୁଙ୍କ ଗୋଦାମରେ ଚଢ଼ଉ କରି ଖଇନି ଓ ଗୁଟ୍‌ଖା ଜବତ କରିଥିବାବେଳେ ସନ୍ତୋଷଙ୍କୁ ଗିରଫ କରିଛି । ଆଜି ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ସ୍ୱପ୍ନେଶ୍ୱର କ୍ଲବ୍ ଘରୁ ବିପୁଳ ପରିମାଣର ଗୁଟ୍‌ଖା ରହିଥିବା ଦେଖାଯାଇଛି । ଏହାକୁ ନେଇ ସଦରଥାନାରେ କମଳ ସାହୁ ନାମରେ ତୃତୀୟ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା ଓ ଆଖପାଖ ଜିଲ୍ଲାରେ ବେଆଇନ ଭାବେ ଗୁଟ୍‌ଖା କାରବାର କମଳ ସାହୁ ଚଳାଇ ଆସୁଥିବା ପୁଲିସ ସୂଚନା ଦେଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ କମଳ ଖଇନି, ଗୁଟ୍‌ଖା, ଜର୍ଦ୍ଦା ଆଣି ବ୍ୟବସାୟ କରୁଥିଲେ ।



- ମାଟିରେ ମିଶୁଛି କମଳ ସାମ୍ରାଜ୍ୟ
- କର୍ମଚାରୀ ଓ ଡ୍ରାଇଭରକୁ ଖୋଜୁଛି ପୁଲିସ



କମଳଙ୍କ ଚେର ରାୟପୁରରୁ ନୟାଗଡ଼ ଯାଏଁ ଲମ୍ବିଥିବା ପୁଲିସ କହିଛି । ପୁଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ଏ ପର୍ଯ୍ୟନ୍ତ ଜବତ ଗୁଟ୍‌ଖା, ଗାଡ଼ିର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛି । ଗୁଟ୍‌ଖା ମାଫିଆ କମଳର କଳା ସାମ୍ରାଜ୍ୟ ଧୀରେ ଧୀରେ ମାଟିରେ ମିଶିଥିବା ଆଲୋଚନା ହେଉଛି । ଅନ୍ୟପକ୍ଷେ, ପୁଲିସ ନିକଟରୁ ମିଳିଥିବା ସୂଚନାନୁସାରେ, ଜବତ ଗାଡ଼ି ଗୁଡ଼ିକର ଡ୍ରାଇଭର ଓ କର୍ମଚାରୀଙ୍କୁ ଖୋଜାଚାଲିଛି । ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି ।

## ରଘୁନାଥ ପୀଠର ଉନ୍ନତି ପାଇଁ ଭିତ୍ତି ସ୍ଥାପନ



ଭାପୁର,୧୦।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମଠାରେ ବିଜେ ରଘୁନାଥ ପୀଠର ଉନ୍ନତୀକରଣ ପାଇଁ ମଙ୍ଗଳବାର ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପୁରାଣ ପ୍ରସିଦ୍ଧ ନାରାୟଣୀ ପୀଠଠାରୁ ତିନି କିଲୋମିଟର ଦୂରରେ ଅବସ୍ଥିତ ଏହି ଝରଣା ଓ ରଘୁନାଥ ପୀଠର ସେଭଳି ଆଖିଦୃଶିଆ ଉନ୍ନତି ଆଜି ପର୍ଯ୍ୟନ୍ତ ହୋଇନାହିଁ । ଏଠାର ପାହାଡ ଉପରେ ଗୋଟିଏ ଟାୱାର, ଦୁଇଟି ଗୃହ ଓ ଗାଡି ପାର୍କିଙ୍ଗ ସ୍ଥଳ ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି କାର୍ଯ୍ୟର ଭିତ୍ତି ପ୍ରସ୍ତର କାର୍ଯ୍ୟ ଇଂ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କରିଛନ୍ତି । ଏହି ସମୟରେ ନିକଟସ୍ଥ ମଠର ମଠାଧିଶ କରୁଣାକର ଦାସ ମହାରାଜ, ସାସସ୍ୱଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଏସଡିପିଓ ମଦନମୋହନ ପ୍ରଧାନ, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଅତିରିକ୍ତ ବନ ସମ୍ବରକ୍ଷକ ଅଧିକାରୀ ହିମାଂଶୁ ମୁଦୁଲି, ଭାପୁର ବନପାଳ ସୁବାଷ ଚନ୍ଦ୍ର ନାୟକ, ସରପଞ୍ଚ ତାରେଶ୍ୱର ମାଝି, ସମିତି ସଭ୍ୟ ଦୀପକ କୁମାର ଜେନା ଉପସ୍ଥିତ ଥିଲେ ।

## ଚେକ୍ ବାଉନ୍ସ ମାମଲା; ଅଭିଯୁକ୍ତକୁ ୬ ମାସ ଜେଲ୍

ନୟାଗଡ଼,୧୦।୨(ସମିସ): ନୟାଗଡ଼ ଜିଲ୍ଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ଏକ ଚେକ୍‌ବାଉନ୍ସ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଉଛନ୍ତି । ନୟାଗଡ଼ ଗାୟତ୍ରୀ କଲୋନୀ ନିବାସୀ ଅଜୟ କୁମାର ସ୍ୱାଇଁଙ୍କ ଠାରୁ ନୟାଗଡ଼ ବ୍ଲକ୍ ବିଡିଓଙ୍କ ଡ୍ରାଇଭର ବାଉରୀ ବନ୍ଧୁ ପୃଷ୍ଟି ୨୦୨୦ ରେ ଝିଅ ପାଠପଢ଼ା ଖର୍ଚ୍ଚ ପାଇଁ ୧୦ଲକ୍ଷ ଟଙ୍କା ଧାର ନେଇଥିଲେ । ୨୦୨୨ ଜୁଲାଇ ୨୬ରେ ୩ ଲକ୍ଷ ୧୧ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ବ୍ୟାଙ୍କ ଚେକ୍ ବାଉନ୍ସ ହୋଇଯିବାରୁ ୨୦୨୨ ସେପ୍ଟେମ୍ବର ୧୨ ରେ ଅଜୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ବିଚାର କରି ବିଚାରପତି ୪ ଲକ୍ଷ ଟଙ୍କା ଅଜୟ କୁମାର ସ୍ୱାଇଁଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତକୁ ୬ ମାସ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଟଙ୍କା ନଦେଲେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ଏହି ମାମଲାକୁ ଅଜୟଙ୍କ ପକ୍ଷରୁ ଆଇନଜୀବୀ କାଳୁ ଚରଣ ସ୍ୱାଇଁ ପରିଚାଳନା କରୁଥିଲେ ।

# ମନମୋହିଲା 'ବିଦ୍ରୋହ ନିଜ ବିରୁଦ୍ଧରେ'

ନୟାଗଡ଼,୧୦।୨(ସମିସ): ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି ନୟାଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସିରିୟସ୍ ଜୋନ୍ ଦ୍ୱାରା ଆୟୋଜିତ ନାଟକ ଉତ୍ସବ । ଅନ୍ତିମ ସନ୍ଧ୍ୟାରେ କବି ଗୋପୀନାଥ ସେଠୀଙ୍କ ସଂଯୋଜନା ଓ ସଭାପତି କିଷାନ୍ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ପୌରାଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଓ ନାଟ୍ୟକାର ଗଦାଧର ନନ୍ଦ ଉପସ୍ଥିତ ରହି ନାଟକ ଜୀବନକୁ ବାଟ ଦେଖାଏ ଏବଂ ଆମେ ସମସ୍ତେ ନାଟ୍ୟମନସ୍କ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ନାଟ୍ୟକାର ଗଦାଧର ନନ୍ଦଙ୍କ ରଚିତ ଓ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକରେ ପବିତ୍ର ମହାନ୍ତି, ମମତା ତ୍ରିପାଠୀ, ଯାମିନୀକାନ୍ତ ମିଶ୍ର, ରାମକୃଷ୍ଣ ନାୟକ, ପ୍ରଶାନ୍ତ ସାମନ୍ତରାୟ, ସୁଦର୍ଶନ ରାଉତ, ଗୋକୁଳ ଷଡ଼ଙ୍ଗୀ, ସୁନୀଲ ନାୟକ ଓ ସନ୍ତୋଷ ରାଉଳଙ୍କ ମନଛୁଆଁ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଜୀବନଦର୍ଶନର କଥା କହୁଥିବା ଏହି ନାଟକର ମୁଖ୍ୟ ଚରିତ୍ର ଶାନ୍ତନୁ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ । ନିଜର ସଫଳତାକୁ ସବୁବେଳେ ଶ୍ରେୟ ଦେଇ ଅହଂ ଭାବରେ ବଞ୍ଚୁଥିବା ଶାନ୍ତନୁ, ଦିନେ ଭେଟନ୍ତି ଜଣେ ବ୍ରାହ୍ମଣଙ୍କୁ, ଯାହାଙ୍କର ସରଳ ଆଧ୍ୟାତ୍ମିକ ଚିନ୍ତାଧାରା ତାଙ୍କୁ ଆନ୍ଦୋଳିତ କରେ ଏବଂ ତାଙ୍କ ଅନ୍ତରାତ୍ମାର ବିଦ୍ରୋହ ତାଙ୍କୁ ଦିନେ ଏକ ପରିପୂର୍ଣ୍ଣ ମଣିଷ ଭାବେ ଗଢ଼ିତୋଳେ । ଏମିତି ଏକ ନିଆରା କାହାଣୀକୁ ଉପସ୍ଥାପନା କରିଥିଲେ ନାଟ୍ୟକାର । ତିନି ସନ୍ଧ୍ୟାରେ ତିନୋଟି ଭିନ୍ନ ସ୍ୱାଦର ନାଟକ ପରିବେଷଣ କରି ଖୁବ୍ ସଫଳତା ସାଉଁଟିଛନ୍ତି ସିରିୟସ୍ ଜୋନ୍‌ର କଳାକାର ।




## ଜାତୀୟ କୃମିନାଶକ ଦିବସ ପାଳିତ



ନୟାଗଡ଼,୧୦।୨(ସମିସ): ଜାତୀୟ କୃମି ନାଶକ ଦିବସ ନୟାଗଡ଼ ନିଉଟାଉନ ପ୍ରାଥମିକ ବିଦ୍ୟାଳୟ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପା ନୀଳିମା ଲାକ୍ରା, ଜିଲ୍ଲା ପରିବାର ଓ କଲ୍ୟାଣ ଅଧିକାରୀ ଡ. ମହେନ୍ଦ୍ର କୁମାର ଭୂୟାଁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ବାନାର୍ଜୀ, ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ତଥା ଅନ୍ୟ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଏହି ସ୍କୁଲରେ ମୋଟ ୩୬ ଜଣ ଛାତ୍ରଛାତ୍ରୀ ଆଜି କୃମିନାଶକ ବଟିକା ସେବନ କରିଥିଲେ । ଜିଲ୍ଲାରେ ସମୁଦାୟ ୩,୩୨, ୯୪୬ ଜଣ ତଥା ୧-୧୯ ବର୍ଷ ବୟସର ପିଲା ଏବଂ ୨୦-୨୪ ବର୍ଷ ବୟସରେ ପ୍ରସୂତି ଓ ପ୍ରଜନନ ନଥିବା ବର୍ଗର ମହିଳା ଏହି ଔଷଧ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକ୍ରମକୁ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ । ଯିଏ ଆଜି କୃମିନାଶକ ଔଷଧ ଖାଇବାରୁ ବଞ୍ଚିତ ହେଇଥିବେ, ସେ ଫେବୃଆରୀ ୧୭ ତାରିଖରେ ନିକଟସ୍ଥ ବିଦ୍ୟାଳୟ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ଖାଇପାରିବ ।

# ପର୍ଯ୍ୟଟନସ୍ଥଳୀ ବିକାଶ ନେଇ ଶିଳାନ୍ୟାସ

ଖଣ୍ଡପଡ଼ା,୧୦।୨(ସମିସ): ଖଣ୍ଡପଡ଼ା ବ୍ଲକ୍ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ପରିବେଶ ପର୍ଯ୍ୟଟନସ୍ଥଳୀ ସାରେଣା ଟାସେରା, କୋସ୍କା ପଞ୍ଚାୟତ ଅଧୀନ ଯୋଗୀଯୋଗିଆଣି ବୌଦ୍ଧ ପୀଠର ସାମଗ୍ରିକ ବିକାଶ ନିମନ୍ତେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ମଙ୍ଗଳବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜରାଜୁଡ଼ା ଅମଳରୁ ବଣଭୋଜି ପାଇଁ ପ୍ରସିଦ୍ଧି ଲାଭ କରିଥିବା ସାରେଣ୍ଡା ଟାସେରାର ବିକାଶ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୩୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ନୟାଗଡ଼ ଜିଲ୍ଲାର ଏକମାତ୍ର ବୌଦ୍ଧ ପୀଠ ଯୋଗୀଯୋଗିଆଣି ପୀଠର ଉନ୍ନତିକରଣ ନିମନ୍ତେ ୩୩ ଲକ୍ଷ ମଞ୍ଜୁର ହୋଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଠାରୁ ପ୍ରକାଶ । ଶିଳାନ୍ୟାସ ଉତ୍ସବରେ ସମ୍ମାନିତ ଅତିଥି ଭାବେ ନୟାଗଡ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଏସିଏଫ୍ ହିମାଂଶୁ ଶେଖର ମୁଦୁଲି, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ପୂର୍ବତନ ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ସମାଜସେବୀ ନିର୍ମଳା ବିଶ୍ୱାଳ, ଭରତ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରକାଶ ଥାଉକି ସାରେଣ୍ଡା ଟାସେରାର ଉନ୍ନତିକରଣ ପାଇଁ ପୂର୍ବରୁ ଦୈନିକ "ସକାଳ' ରେ ଖବର ପ୍ରସାରଣ କରାଯାଇ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆକର୍ଷଣ କରାଯିବା ପରେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଦେଖାଯାଇଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଉପରୋକ୍ତ ୨ଟି ପରିବେଶ ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ହେଲେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ସେଠାକୁ ଛୁଟିବ ବୋଲି ସାଧରଣରେ ଆଲୋଚନା ହେଉଛି ।



## କ୍ରୀଡ଼ାବିତ୍‌ଙ୍କୁ ଉପେକ୍ଷା
# ଚେଞ୍ଜିଙ୍ଗ ରୁମ୍ ନିର୍ମାଣରେ ସୀମିତ ମିନି ଷ୍ଟାଡିୟମ

ଗଣିଆ,୧୦।୨(ସମିସ): ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ତଥା କ୍ରୀଡ଼ାବିତଙ୍କ ଅଭ୍ୟାସ ନିମନ୍ତେ ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଗୋଟିଏ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କ୍ରୀଡ଼ାବିତମାନେ ଏହି ମିନି ଷ୍ଟାଡିୟମରେ ନିଜ ନିଜର ମନ ପସନ୍ଦର କ୍ରୀଡ଼ାକୁ ଅଭ୍ୟାସ କରି ପାରଦର୍ଶିତା ଲାଭ କରିପାରିବେ । ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଛି । କିନ୍ତୁ ସରକାରଙ୍କର ଏହି ଯୋଜନା ଫଳପ୍ରଦ ହୋଇପାରୁନାହିଁ । ଯାହା ଫଳରେ କ୍ରୀଡ଼ାବିତଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଉଛି । ଗଣିଆରେ କ୍ରୀଡ଼ାବିତଙ୍କୁ ଉପେକ୍ଷା କରା ଯାଉଥିବା ଅଭିଯୋଗ ହୋଇଛି ।

ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଏହି ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏଥିପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିଲା କିନ୍ତୁ ମିନି ଷ୍ଟାଡିୟମ ନିର୍ମାଣ କରା ନଯାଇ ପ୍ରଥମେ ଚେଞ୍ଜିଙ୍ଗ ରୁମ୍ ନିର୍ମାଣ କରାଗଲା । ସେହି ଦିନଠାରୁ ମିନି ଷ୍ଟାଡିୟମ ନିର୍ମାଣ ଚେଞ୍ଜିଙ୍ଗ ରୁମ୍ ଠାରେ ଅଟକି ରହିଛି । ଏପଟେ ଆଉ ଗୋଟିଏ କଥା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚେଞ୍ଜିଙ୍ଗ ରୁମ୍ ନିର୍ମାଣ କରାଗଲା କିନ୍ତୁ ତାହା ଖେଳାଳିଙ୍କ ଦିନେ ବି କାମରେ ଲାଗିଲା ନାହିଁ । ଏବେ କିନ୍ତୁ ଚେଞ୍ଜିଙ୍ଗ ରୁମ୍ ବାହାରେ ଲାଗିଥିବା ଇଲେକଟ୍ରିକ୍ ସୁଇଚ୍ ବୋର୍ଡ, ସୁଇଚ୍‌ଗୁଡ଼ିକୁ ତାଡ଼ିକରି କେହି ନେଇ ଯାଇଥିବା ଦେଖିବାକୁ ମିଳିଛି ।



କାନ୍ଥରେ ଲାଗିଥିବା ୪ଟି ବୋର୍ଡରୁ ସୁଇଚ୍ ଏବଂ ବୋର୍ଡ ଚୋରି ହୋଇଗଲାଣି । ଏହାର ରକ୍ଷଣାବେକ୍ଷଣ ଅଭାବରୁ ଆଗାମୀ ଦିନରେ ଏହା ଭୂତକୋଠି ପାଲଟିବ ଏଥିରେ ସନ୍ଦେହ ନାହିଁ । ବର୍ଷ ସାରା ଏହି ଖେଳ ପଡିଆରେ ବିଭିନ୍ନ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେଉଥିଲେ ମଧ୍ୟ ମିନି ଷ୍ଟାଡିୟମ ନିର୍ମାଣ ପାଇଁ କେହି ବି ଆଗଭର ହେଉନାହାନ୍ତି । ଆଗାମୀ ଦିନରେ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରା ନଗଲେ ଗଣିଆର କ୍ରୀଡ଼ାବିତମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ପୂର୍ବ ଶତ୍ରୁତାରୁ ଘରପୋଡ଼ି ଅଭିଯୋଗ

ଭାପୁର,୧୦।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବଡ଼ସହରା ପଞ୍ଚାୟତ ବାଦଭୂଇଁ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ତାରେଶ୍ୱର ଜେନାଙ୍କ ଦୁଇ ବଖରା ଘର ପୋଡ଼ିଯାଇଛି । ବଡ଼ସହରା ପଞ୍ଚାୟତ ବାଦଭୂଇଁ ଗ୍ରାମର ପ୍ରକାଶ ବେହେରା ଏବଂ ତାରେଶ୍ୱର ଜେନାଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗିରହିଥିଲା । ମଙ୍ଗଳବାର ରାତ୍ରିରେ ତାରେଶ୍ୱରଙ୍କ ଘରେ ପ୍ରକାଶ ନିଆଁ ଲଗାଇଥିବା ତାରେଶ୍ୱର ଅଭିଯୋଗ କରିଛନ୍ତି । ଖବରପାଇ ଭାପୁରରୁ ଅଗ୍ନିଶମ ବାହିନୀ ଯାଇ ନିଆଁକୁ ଆୟତ୍ତ କରିଥିଲେ । ତାଙ୍କର ଦୁଇ ବଖରା ପୋଡ଼ି ଯାଇଥିବାବେଳେ ଆର୍‌ଆଇ ତଦନ୍ତ କରିବା ପରେ କ୍ଷୟକ୍ଷତି ଆକଳନ ହେବ ବୋଲି ଅଗ୍ନିଶମ ବିଭାଗ ତରଫରୁ ପ୍ରକାଶ ।

## ହାପି ମେମୋରିଆଲ କ୍ରିକେଟ: ତଳମାରଡ଼ା ସେମିରେ



ଭାପୁର,୧୦।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ସମ୍ମୁଖ ଖେଳପଡ଼ିଆରେ ଆୟୋଜିତ ହାପି ମେମୋରିଆଲ କ୍ରିକେଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏହାକୁ ଉଦ୍‌ଘାଟନ କରିଥିଲେ ସମାଜସେବୀ ସାଧୁ ଚରଣ ସିଂହ । ଉଦ୍‌ଘାଟନୀ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ତଳମାରଡ଼ା ଓ ଗୁଣ୍ଠୁଣି କ୍ରିକେଟ୍ କ୍ଲବ୍ । ଟସ ଜିତି ଗୁଣ୍ଠୁଣି ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ କରିଥିଲେ । ତଳମାରଡ଼ା ଦଳ ୧୮-୨ ଓଭରରେ ମାତ୍ର ୨ ୱିକେଟ ହରାଇ ୧୯୫ ରନ କରି ୮ ୱିକେଟରେ ବିଜୟୀ ହୋଇଥିଲେ । ବିଜୟୀ ଦଳର ଶୁଭମ ରାଉତ ୪ ଓଭର ବୋଲିଙ୍ଗ କରି ୧୪ରେ ୪ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା କରିଥିଲେ ନାଲୁ ଦେହୁରୀ ଓ ନିର୍ମଳ ସାହୁ ।

କମେଣ୍ଟ୍ରି କରିଥିଲେ ସିକୁନ ସାହୁ ଓ ସ୍କୋରର ଥିଲେ ଜୀବନ ଦାସ ଓ ଟିଣ୍ଟୁ ନାୟକ । ଆସନ୍ତାକାଲି ଫତେଗଡ଼ ଓ ଏଲପଡ଼ା ମଧ୍ୟରେ ଅନୁଷ୍ଠିତ ହେବ ।

### ମାଣ୍ଡିଆ ରଗଡ଼ି ପଥରଖଣିରେ ବେଆଇନ ବ୍ଲାଷ୍ଟିଂ

# ଟ୍ରିପ୍ ଟ୍ରିପ୍ ପଥର ଲୁଟି ନେଉଛନ୍ତି ମାଫିଆ

ଖଣ୍ଡପଡ଼ା,୧୦।୨(ସମିସ)

ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଖଣି ବିଭାଗ ଉଦାସୀନତାର ସୁଯୋଗ ନେଇ କୁମ୍ଭାରପଡ଼ା ଗ୍ରାମସ୍ଥିତ ମାଣ୍ଡିଆ ରଗଡ଼ି ପଥରଖଣିରୁ ସ୍ଥାନୀୟ ଅଞ୍ଚଳର ମାଫିଆମାନେ ବେଆଇନ ବ୍ଲାଷ୍ଟିଂ କରୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ବେଆଇନ ଭାବେ ବ୍ଲାଷ୍ଟିଂ କରି ଦିନ ଦ୍ୱିପ୍ରହରରେ ଟ୍ରିପ୍ ଟ୍ରିପ୍ ପଥର ଲୁଟ୍ କରି ନେଉଛନ୍ତି । ଅନ୍ୟପକ୍ଷରେ କଂପ୍ରେସର ମେସିନ ଓ ଡିନାମାଇଟ୍ ଲଗାଇ ପଥର ବ୍ଲାଷ୍ଟିଂ କରୁଥିବାରୁ ପ୍ରଚଣ୍ଡ ଶବ୍ଦରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି । ସେହିପରି ବ୍ଲାଷ୍ଟିଂ ଫଳରେ ଛୋଟବଡ଼ ପଥରଖଣ୍ଡଗୁଡ଼ିକ ଏଣେ ତେଣେ ଉଡ଼ି ଆଖପାଖ ଅଞ୍ଚଳର ଚାଷ ଜମିରେ ପଡୁଛି । ଫଳରେ ଜମିରେ ଚାଷବାସ ନିମନ୍ତେ ଆଖପାଖ ଅଞ୍ଚଳର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି । କୁମ୍ଭାରପଡ଼ାରୁ ରୟତ ଢୋଲମରାକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ପାଖରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବାବେଳେ ପଥର ବ୍ଲାଷ୍ଟିଂ ବନ୍ଦ ନିମନ୍ତେ ଅଞ୍ଚଳବାସୀ କୋସକା ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ସୂଚନା ମିଳିଛି । ବିଗତ ଦିନରେ ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ନୟାଗଡ଼ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି । ଏ ନେଇ ପଞ୍ଚାୟତ ବାସିନ୍ଦା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଖଣି ବ୍ୟବସ୍ଥା ତାଙ୍କ ଅଧୀନରେ ଆସୁନଥିବା ଯୋଗୁଁ ପଦକ୍ଷେପ ଶୂନ ବୋଲି କ୍ଷୋଭର ସହ କହିଛନ୍ତି । ବେଆଇନ ବ୍ଲାଷ୍ଟିଂ ବାବଦରେ ସ୍ଥାନୀୟ ପୁଲିସ ଏବଂ ଜିଲ୍ଲା ଖଣି ଅଧିକାରୀ ମଧ୍ୟ ଆଖି ବୁଜିଦେଇଥିବା ଲୋକେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମାଣ୍ଡିଆ ରଗଡ଼ି ପଥର ଖଣିକୁ ତହସିଲ ପ୍ରଶାସନ ପକ୍ଷରୁ କାହାରିକୁ ନିଲାମ ସୂତ୍ରରେ ଦିଆଯାଇ ନଥିବା ବେଳେ ଏହାର ସୁଯୋଗ ନେଇ ମାଫିଆମାନେ ବେଶ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି । ଖଣି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ କୁମ୍ଭାରପଡ଼ା ଏବଂ ରୟତ ଢୋଲମରା ପଞ୍ଚାୟତବାସୀ ଦାବି କରିଛନ୍ତି ।



